ଏପିସୋଡ ୯

# ସାଗରର ସଙ୍ଗୀତ

ମୂଳ ରଚନା: ହେମନ୍ତ ଲଙ୍ଗଭେକର୍

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପୃଥିବୀ ପୃଷ୍ଠର ଶତକଡ଼ା ୭୦ ଭାଗରେ ମହାସାଗର ରହିଛି। ପୃଥିବୀରେ ଜଳବାୟୁ ନିଶ୍ଚିତ ଭାବରେ ମହାସାଗର ଉପରେ ନିର୍ଭର କରେ। ମହାସାଗରରେ ଅଶାନ୍ତି ଦେଖାଦେଲେ ତାହା ପୃଥିବୀର ବାୟୁମଣ୍ଡଳ ଉପରେ ବହୁତ ପ୍ରଭାବ ପକାଏ ଏବଂ ଆନ୍ତରୀଣ ଜଳବାୟୁରେ ପରିବର୍ତ୍ତନ ଆଣେ।

ରେଡିଓ ଧାରାବାହିକର ଏହି ଭାଗରେ ଶୁଣିବା ଜଳବାୟୁ ପ୍ରଣାଳୀକୁ ସଞ୍ଚାଳିତ କରିବାରେ ମହାସାଗରର ଭୂମିକା। ଏହା ସହିତ ଏଲ ନିନୋ, ଲା ନିନୋ, ଦକ୍ଷିଣ ଦୋଳନ, ଥର୍ମୋହାଲାଇନ୍ ପରିଚଳନ, ଜଳବାୟୁ ଜଡ଼ତା ଆଦି ବିଷୟରେ ବି ଶୁଣିବା।

ପାତ୍ର:

| | |
|---|---|
| ମିଲୁ | ସ୍କୁଲ ଛାତ୍ର (୧୦ ବର୍ଷ) |
| ଜେଜୀ | ମିଲୁର ଜେଜୀ (୭୦ ବର୍ଷ) |
| ନୋକା | ମତ୍ସ୍ୟଜୀବୀ (୩୫ ବର୍ଷ) |
| ରାଜା | ୪୫-୫୦ ବର୍ଷ |
| କ୍ୟାପଟେନ | ଜାହାଜର କ୍ୟାପଟେନ (୬୦ ବର୍ଷ) |

ମୁଖ୍ୟ ଅଧିକାରୀ		କ୍ୟାପଟେନ ପରେ ଜାହାଜର ଅଧିକାରୀ (୪୫ ବର୍ଷ)

ରିୟା		ପାଣିପାଗ ବିଶେଷଜ୍ଞ (୪୦ ବର୍ଷ)

(ମିଲୁର ପରୀକ୍ଷା ସରିଯାଇଛି ଏବଂ ଛୁଟି କଟେଇବା ପାଇଁ ଆଗ୍ରହୀ। ସେ ତା ଜେଜୀଙ୍କ ସହ କଥା ହେଉଛି)

ମିଲୁ:	(ପୂରା ଉତ୍ସାହିତ ହୋଇ) ଜେଜୀ... ତମେ କୋଉଠି ଅଛ? ମୁଁ ତମଠୁ ଗୋଟେ କାହାଣୀ ଶୁଣିବାକୁ ଚାହୁଁଛି।

(ଜେଜୀ ଭିତରୁ ବାହାରି ଆସି)

ଜେଜୀ:	ମିଲୁ, ବାପରେ ମୁଁ ଏଇଠି ଅଛି । କ'ଣ ହେଲା? କାହିଁକି ପାଟି କରୁଛୁ? କ'ଣ ଦରକାର?

ମିଲୁ:	ଜେଜୀ, ମୁଁ ତମଠୁ ଗୋଟିଏ ବହୁତ ସୁନ୍ଦର କାହାଣୀ ଶୁଣିବାକୁ ଚାହୁଁଛି। ମନେଅଛି... ପରୀକ୍ଷା ସରିଲେ ତମେ ମତେ ଗପ କହିବ ବୋଲି କହିଥିଲ...

ଜେଜୀ:	(ହସି ହସି) ହଁ ହଁ ମନେଅଛି।

ମିଲୁ:	ମୋର ତ ପରୀକ୍ଷା ସରିଗଲା। ମୁଁ ଏବେ ଖୋଲା ଆକାଶର ଗୋଟିଏ ଚଢ଼େଇ।

ଜେଜୀ:	(ହସି ହସି) ଠିକ ଅଛି ମିଲୁ। ମୁଁ ତତେ ଗୋଟିଏ ଗପ କହିବି। କିନ୍ତୁ ଆଗ ମୁଁ ଟିକିଏ ପାଣି ପିଇ ଦିଏ। (ପାଣି ପିଇବାର ଶବ୍ଦ)

ମିଲୁ:	ଏବେ ପ୍ରସ୍ତୁତ?

ଜେଜୀ:	(ହସି ହସି) ହଁ ଏବେ ଶୁଣ। ଜଣେ ବୁଦ୍ଧିମାନ ଲୋକର କାହାଣୀ । ନୋକା।

ମିଲୁ:	ନୋକା?

ଜେଜୀ: ନୋକା ଜଣେ ସାଧୁ ପ୍ରକୃତିର ଲୋକ ଥିଲା। ସେ ତା ପରିବାର ସହିତ ସମୁଦ୍ର କୂଳରେ ରହୁଥିଲା। ଦିନେ ସକାଳେ, ସବୁଦିନ ଭଳି ମାଛ ଧରିବା ପାଇଁ ଯିବା ବଦଳରେ ସେ ନାଆ ତିଆରି ଆରମ୍ଭ କଲା।

ମିଲୁ: (ଆଶ୍ଚର୍ଯ୍ୟ ହୋଇ) ନାଆ?

ଜେଜୀ: ଗୋଟିଏ ବଡ଼ ସିନ୍ଦୁକ...

ମିଲୁ: କିନ୍ତୁ କାହିଁକି?

ଜେଜୀ: (ହସି ହସି) କାହିଁକି... ସମସ୍ତେ ନୋକାକୁ ଗୋଟିଏ ହିଁ ପ୍ରଶ୍ନ ପଚାରୁଥିଲେ। ସେ କିନ୍ତୁ କାହାକୁ ବି ଏ ବିଷୟରେ କିଛି କହିଲାନାହିଁ। ଆଉ ଗୋଟେ ଦିନ ... ତାକୁ ରାଜା ଡକେଇ ପଠେଇଲେ...

ଦୃଶ୍ୟ ପରିବର୍ତ୍ତନ

(ରାଜାଙ୍କ ଦରବାର, ରାଜା ଦରବାରରେ ପହଞ୍ଚିବା ସମୟ, ସଙ୍ଗୀତ ବାଜୁଛି)

ରାଜା: (ଆଦେଶ ଦେବା ସ୍ୱରରେ) ନୋକା, ମୋର ସୈନିକମାନଙ୍କଠାରୁ ଜଣାପଡ଼ିଛି ଯେ ତମେ ଗୋଟିଏ ବିରାଟ ନୌକା ତିଆରି କରୁଛ।

ନୋକା: ଆଜ୍ଞା ହଜୁର।

ରାଜା: କିନ୍ତୁ କାହିଁକି? ଏତେ ବଡ଼ ନୌକା? ତମେ କ'ଣ ଆମ ଶତ୍ରୁ କଥାରେ ପଡ଼ି ଏହାକୁ ତିଆରି କରୁଛ?

ନୋକା: ନାଇଁ ହଜୁର... ଶତ୍ରୁ ଦ୍ୱାରା ନୁହେଁ, ବରଂ ସ୍ୱୟଂ ଈଶ୍ୱରଙ୍କ ଦ୍ୱାରା।

ରାଜା: ଈଶ୍ୱର? ତୁ କ'ଣ ମତେ ବୋକା ବୋଲି ଭାବିଛୁ କି ନୋକା?

ନୋକା: ନାଇଁ ହଜୁର.. ମୁଁ ସତ କହୁଛି। ଭଗବାନ ମତେ ସ୍ୱପ୍ନରେ ଦେଖାଦେଲେ ଆଉ କହିଲେ ଯେ ମାସେ ଭିତରେ ଗୋଟିଏ ବଡ଼ ବନ୍ୟା ଆସିବ। ସମୁଦ୍ର ପତନ

ବଢ଼ିଯିବ ଆଉ କୂଳରେ ସବୁ ଧ୍ୱସ୍ତବିଧ୍ୱସ୍ତ ହୋଇଯିବ।

ରାଜା: ଏଇ କାରଣରୁ ତମେ ବିରାଟ ନୌକା ତିଆରି କରୁଛ? ଦେଖ, ମତେ ବୋକା ବନେଇବା ପାଇଁ ଚେଷ୍ଟା କରନାହିଁ।

ନୋକା: ମତେ ବିଶ୍ୱାସ କରନ୍ତୁ ମହାରାଜ। ମୁଁ ଦୁଃଖିତ, କିନ୍ତୁ ମୁଁ ମୋ ରାଜ୍ୟକୁ ନେଇ ବହୁତ ଚିନ୍ତିତ...

ରାଜା: ରାଜ୍ୟ ବିଷୟରେ କିଛି ଚିନ୍ତା କରନାହିଁ ନୋକା । ଏହାର ରକ୍ଷଣାବେକ୍ଷଣ କରିବା ପାଇଁ ମୁଁ ପୂରା ସକ୍ଷମ। ଭଲ ହେବ ତମେ ତମ ନିଜର ଆଉ ତମ ମାନସିକ ସ୍ଥିତିର ଅବସ୍ଥା ବୁଝ।

(ସଙ୍ଗୀତ ପରିବର୍ତ୍ତନ, ମିଲୁ ଆଉ ଜେଜୀଙ୍କ କଥା ଆରମ୍ଭ)

ଜେଜୀ: ରାଜା ନୋକାର ସ୍ୱପ୍ନକୁ ମୋଟେ ବିଶ୍ୱାସ କଲେନାହିଁ। ତାଙ୍କ ମତରେ ନୋକା ଗୋଟିଏ ମୂର୍ଖ। ବେକାର କଥାରେ ସେ ତା ସମୟ ନଷ୍ଟ କରୁଛି।

ମିଲୁ: ତା ପରେ କ'ଣ ହେଲା ଜେଜୀ?

ଜେଜୀ: ମିଲୁ, ନୋକା ମୂର୍ଖ ନ ଥିଲା। ଏକ ମାସ ପରେ, ସମୁଦ୍ରରେ ଗୋଟିଏ ଘୂର୍ଣ୍ଣିବାତ୍ୟା ସୃଷ୍ଟି ହେଲା। ଏହା ବିରାଟ ମହାବାତ୍ୟା ଥିଲା। ଏମିତି ବାତ୍ୟା ନୋକା ଆଗରୁ କେବେ ଦେଖି ନ ଥିଲା (ପଛରେ ବାତ୍ୟା, ବନ୍ୟା ଆଦିର ଶବ୍ଦ)ସମୁଦ୍ର ବି ଗର୍ଜନ କରୁଥିଲା। ବିରାଟ ଲହଡ଼ି ସହ ସେ ଆଗକୁ ବଢୁଥିଲା। ତା ସହିତ ଜୋର ବର୍ଷା ହେଲା। କିଛି ସମୟ ଭିତରେ ନୋକାର ବିରାଟ ନୌକାକୁ ଛାଡ଼ି ସବୁ ଜଳମଗ୍ନ ହୋଇଗଲା। ନୋକା ଆଉ ତାଙ୍କ ପରିବାର ସେ ସିନ୍ଦୁକ ଭିତରେ ପଶିଗଲେ। ଯେଉଁମାନେ ତାଙ୍କ ସହିତ ଯିବା ପାଇଁ ଚାହିଁଲେ ସେ ସେମାନଙ୍କୁ ବି ନେଇଗଲେ। ଏମାନଙ୍କ ଭିତରେ କିଛି ଜନ୍ତୁ ବି ଥିଲେ। ସମୁଦ୍ର ତା'ର ଉଗ୍ର ସ୍ୱଭାବ ଦେଖାଇଲା ଆଉ ତା ପାଣି ତଳେ ସବୁକିଛି ବୁଡ଼ାଇଦେଲା । କେବଳ

ଯେଉଁମାନେ ନୋକାର ନାଆରେ ଥିଲେ ସେମାନେ ବଞ୍ଚିଗଲେ।

ମିଲୁ: ଜେଜୀ, ଏ କେମିତି ଗପ ଯେ, ଏ ତ ମୋଟେ ସମ୍ଭବ ଲାଗୁନାହିଁ। ଏହାତ କାଳ୍ପନିକ ରୂପକଥା ଭଳି ଲାଗୁଛି।

ଜେଜୀ: ମିଲୁ, ଆମ ଭାଗ୍ୟ ଭଲ ଯେ ଏ କାହାଣୀ ବାସ୍ତବତାରେ ପରିଣତ ହେଉନାହିଁ। କିନ୍ତୁ, ଆମେ ଯଦି ଏହିଭଳି ଜୀବନ କଟାଏ ତେବେ ଏ କାହାଣୀ ଆଉ କାଳ୍ପନିକ ହୋଇ ରହିବନାହିଁ।

ମିଲୁ: ଜେଜୀ, ମୁଁ ବୁଝିପାରୁନି ତମେ କ'ଣ କହୁଛ।

ଜେଜୀ: (ହସି ହସି) ମିଲୁ ମୋ କହିବାର କଥା ହେଉଛି ଭବିଷ୍ୟତରେ ଏ କାହାଣୀ ବାସ୍ତବତା ହୋଇପାରେ।

ମିଲୁ: ଏ କେମିତି ସମ୍ଭବ? ତମେ ସ୍ୱପ୍ନରେ ଭଗବାନ ଆସିବା କଥା କହୁଛ ଆଉ ପୁଣି ଶେଷରେ ସ୍ୱପ୍ନ ସତ ହେବା କଥା କହୁଛ। (ହସି ହସି) ଜେଜୀ, ଆମେ ସ୍ମାର୍ଟ ଫୋନ ଯୁଗରେ ବଞ୍ଚୁଛେ। ଦେବୀ ଦେବତାଙ୍କ ପୌରାଣିକ ଯୁଗରେ ନୁହେଁ।

ଜେଜୀ: ହଁ ମିଲୁ, ମୁଁ ଜାଣିଛି। କିନ୍ତୁ ବୁଝିବାକୁ ଚେଷ୍ଟା କର। କାହାଣୀରେ ଈଶ୍ୱର କିଛି ନୁହନ୍ତି। କିନ୍ତୁ ପ୍ରକୃତି, ଆମ ପରିବେଶ... ପରିସ୍ଥିତିକି... ଯଦି ଆମେ ଆମ ପ୍ରକୃତି କଥା ନ ମାନିବା, ତାହେଲେ ତ ନିଶ୍ଚିତ ଯେ ଆମକୁ ଭୋଗିବାକୁ ହେବ। ଆଉ ଏଥିପାଇଁ ବିରାଟ ମାତ୍ରାରେ କ୍ଷତିରେ ପଡ଼ିବା।

ମିଲୁ: ମୁଁ କିଛି ବି ବୁଝିପାରୁନି ଜେଜୀ।

ଜେଜୀ: ମିଲୁ ପ୍ରାୟ ପ୍ରତି ସପ୍ତାହରେ ବିଶ୍ୱ ଉଷ୍ମାୟନ ଆଉ ଜଳବାୟୁ ପରିବର୍ତ୍ତନ ଉପରେ ଖବର ବାହାରୁଛି। ବିଶ୍ୱ ଉଷ୍ମାୟନର ପରିଣାମ କୁ ତ ଆମେ ନିଶ୍ଚୟ ସାମନା କରିବା ଆରମ୍ଭ କରିଦେଲେଣି। ବର୍ଷା ଡେରିରେ ଆସୁଛି। ଖରାଦିନ ଜଲ୍‌ଦି ଆରମ୍ଭ ହୋଇଯାଉଛି। ଆଉରି କେତେ କ 'ଣ... କିନ୍ତୁ ଭବିଷ୍ୟତରେ

ଗୋଟିଏ ଭୟଙ୍କର ଘଟଣା ଘଟିବ।

ମିଲୁ: ସେ କ'ଣ ଜେଜୀ?

ଜେଜୀ: ବୈଜ୍ଞାନିକଙ୍କ ମତରେ ଏବେକା ହାରରେ ପୃଥିବୀର ତାପମାତ୍ରା ବଢ଼ିଲେ ମେରୁଅଞ୍ଚଳରେ ଥିବା ବରଫ ତରଳି ଆରମ୍ଭ କରିବ । ଚାରିଆଡ଼େ ପାଣି ମାଡ଼ିଯିବ। ସମୁଦ୍ର ପତନ ବହୁତ ବଢ଼ିଯିବ। ପରିଣାମସ୍ୱରୂପ କିଛି ଦ୍ୱୀପ, ଉପକୂଳ ଅଞ୍ଚଳ ସ୍ଥାୟୀ ଭାବରେ ପାଣି ବୁଡ଼ିଯିବ।

ମିଲୁ: ହେ ଭଗବାନ!!!

ଜେଜୀ: (ଥଟ୍ଟା ସ୍ୱରରେ) କ'ଣ ଏବେ ଭଗବାନ ମନେପଡ଼ିଲେ? (ହସି ହସି)

ମିଲୁ: ଓହୋ ଜେଜୀ, ମତେ ଥଟ୍ଟା କରନି। ମୁଁ ତମ କଥା ବୁଝିଗଲି। ଯଦି ଆମେ ଏବେଠୁ ନ ଚେତିବା ତାହେଲେ ବହୁତ ଡେରି ହୋଇଯିବ।

ଜେଜୀ: ଠିକ କହିଛୁ। ପ୍ରକୃତିର ସ୍ୱର ଶୁଣ। ନୋକା ଭଳି ଉନ୍ନତ ଭବିଷ୍ୟତ ପାଇଁ ପ୍ରସ୍ତୁତ ହୋଇ ରହ।

ମିଲୁ: ହଁ ଜେଜୀ।

ଜେଜୀ: (ହସି ହସି) କିନ୍ତୁ ଏବେ ତୋ ଖଟକୁ ଯାଆ। ଶୋଇବୁ। ବହୁତ ଡେରି ହେଲାଣି। ଭଲ କାମ କରିବା ପାଇଁ ଭଲରେ ଶୋଇବା ବି ଦରକାର।

ମିଲୁ: ହଁ ଜେଜୀ। ଯାଉଛି ଶୋଇବି, ଶୁଭରାତ୍ରୀ।

ଦୃଶ୍ୟ ପରିବର୍ତ୍ତନ, ସମୁଦ୍ରର ଲହଡ଼ି ଶବ୍ଦ, ଆଉ ସମୁଦ୍ରରେ ଗୋଟିଏଜାହାଜ ବୁଲୁଛି, ଜାହାଜରେ ରିୟା ଆଉ ଅଧିକାରୀ କଥା ହେଉଛନ୍ତି, ମଝିରେ ମଝିରେ କପ୍ ପ୍ଲେଟର ଶବ୍ଦ ଆସୁଛି)

ଅଧିକାରୀ: ଆଚ୍ଛା ରିୟା, ଆପଣ ଆମର ଏଇ ମିଶନ ବିଷୟରେ କ'ଣ ଅନୁଭବ

କରୁଛନ୍ତି? ଏହା ସଫଳ ହେବ?

ରିୟା: ମୁଁ ଆମ ମିଶନର ସଫଳତା ବିଷୟରେ ତ ଅନୁମାନ କରିପାରିବି ନାହିଁ, ଏହା ଆପଣଙ୍କ କାମ। ମିଶନର ସବୁ ଦାୟିତ୍ୱ କ୍ୟାପଟେନ ଆଉ ଆପଣଙ୍କ ଉପରେ ରହିଛି।

ଅଧିକାରୀ: ହୁଁ...

ରିୟା: କିନ୍ତୁ ଜଣେ ଜଳବାୟୁ ବିଶେଷଜ୍ଞ ଭାବରେ ଜଳବାୟୁ ପରିସ୍ଥିତିର ବିଶ୍ଳେଷଣ କରିପାରିବି... ଆଉ ନିଶ୍ଚିତ ରୂପରେ ଆସନ୍ତା କିଛିଦିନର ପାଣିପାଗ ବିଷୟରେ ସଠିକ ଅନୁମାନ କରିପାରିବି। ଆମ ମିଶନକୁ ପୂରା କରିବାରେ ଏହା ନିଶ୍ଚିତ ରୂପରେ ସାହାଯ୍ୟ କରିବ।

ଅଧିକାରୀ: ହଁ ରିୟା, ଆପଣ ଆମକୁ ବହୁତ ଦରକାରୀ ତଥ୍ୟ ଦେଉଛନ୍ତି। ଜଳବାୟୁ ବିଜ୍ଞାନୀର କାମକୁ ମୁଁ ସବୁବେଳେ ବହୁତ ପସନ୍ଦ କରେ। ପ୍ରଶଂସା ବି କରେ। ଏ ବହୁତ କଷ୍ଟକର କାମ।

ରିୟା: ହଁ ବାସ୍ତବରେ ଏହା ବହୁତ କଷ୍ଟକର କାମ। କାରଣ ପ୍ରକୃତିର କୌଣସି ସୀମା ନାହିଁ। ଆମଠାରୁ ହଜାର କିଲୋମିଟର ଦୂରର ସମୁଦ୍ର ବା ସମୁଦ୍ରର କିଛି ବି ଗଣ୍ଡଗୋଳ ଏଠିକା ପାଣିପାଗକୁ ପ୍ରଭାବିତ କରିପାରେ।

ଅଧିକାରୀ: ସତରେ?

ରିୟା: ଆଜ୍ଞା ହଁ। ପ୍ରକୃତରେ, ସ୍ଥଳଭାଗରେ ଦେଖାଯାଉଥିବା ଜଳବାୟୁ କ୍ଷେତ୍ର ନିର୍ଦ୍ଧାରିତ କରିବାରେ ମହାସାଗରର ଏକ ମୌଳିକ ଭୂମିକା ନେଇଥାଏ।

ଅଧିକାରୀ: କେମିତି?

ରିୟା: କାରଣ ପୃଥିବୀର ଶତକଡ଼ା ୭୦ ଭାଗରୁ ଅଧିକ ଅଞ୍ଚଳରେ ମହାସାଗର ରହିଛି। ସେଥିପାଇଁ ଜଣାଶୁଣା କଥା ଯେ ପୃଥିବୀକୁ ଆସୁଥିବା ସୌରଶକ୍ତିର

ଚାରିଭାଗରୁ ତିନି ଭାଗ ମହାସାଗର ଦ୍ଵାରା ଅବଶୋଷିତ ହୋଇଥାଏ।

ଅଧିକାରୀ: ଠିକ କଥା ଯେ..

ରିୟା: ତା ଛଡ଼ା ପାଣିରେ ଉଚ୍ଚ ତାପ କ୍ଷମତା ରହିଛି । ତା ମାନେ ଏହା ଧୀରେ ଧୀରେ ଗରମ ହୁଏ ଏବଂ ଥଣ୍ଡା ବି ଧୀରେ ଧୀରେ ହୁଏ।

ଅଧିକାରୀ: ହଁ।

ରିୟା: ହଁ ଆହୁରି ବି ମନେରଖନ୍ତୁ ଯେ ତାପ ସବୁବେଳେ ଉଚ୍ଚ ତାପମାତ୍ରା ଅଞ୍ଚଳରୁ ନିମ୍ନ ତାପମାତ୍ରା ଅଞ୍ଚଳକୁ ପ୍ରବାହିତ ହୋଇଥାଏ। ଦିନବେଳା ପାଣି ସାଧାରଣତଃ ଆଖପାଖର ମାଟି ଆଉ ପବନ ତୁଳନାରେ କମ୍ ତାପମାତ୍ରାର ହୋଇଥାଏ। ସେଥିପାଇଁ ପାଣିରେ ଶକ୍ତି ସ୍ଥାନାନ୍ତରିତ ହୁଏ। ରାତି ସମୟରେ ପାଣି ପ୍ରାୟତଃ ନିଜ ପରିବେଶ ତୁଳନାରେ ଅଧିକ ଗରମ ହୁଏ। କିନ୍ତୁ ଶକ୍ତି ଧୀରେ ଧୀରେ ପାଣିରୁ ଦୂରକୁ ସ୍ଥାନାନ୍ତରିତ ହୋଇଯାଏ କାରଣ ପାଣି ଧୀରେ ଧୀରେ ଥଣ୍ଡା ହୁଏ।

ଅଧିକାରୀ: (ହସି ହସି) ଏକଥା ମତେ ଜଣା ରିୟା । ଜାହାଜର ଅଧିକାରୀ ଭାବରେ ଏତିକି ତ ମୁଁ ଜାଣିବା ଜରୁରୀ।

ରିୟା: କ୍ଷମା କରିବେ ଅଧିକାରୀ, ମୁଁ ଆପଣଙ୍କୁ ନୀଚା ଦେଖାଇବାକୁ ଚାହୁଁନାହିଁ, କିନ୍ତୁ...

ଅଧିକାରୀ: ନାହିଁ ... ନାହିଁ... କିନ୍ତୁ ମତେ ଏବେ କାହାଣୀ ପୂରା କରିବାକୁ ଦିଅନ୍ତୁ। ଯେତେବେଳେ ସମୁଦ୍ରର ତାପମାତ୍ରା ବାୟୁର ତାପମାତ୍ରାଠାରୁ ଅଧିକ ହୁଏ , ସେତେବେଳେ ମହାସାଗର ପରିଚଳନ, ପରିବହନ ଏବଂ ବିକିରଣ ଦ୍ଵାରା ଏହା ଉପର ଆଉ ପାଖର ମାଟି ଉପରର ବାୟୁକୁ ଗରମ କରେ। ସମୁଦ୍ରରେ ସଞ୍ଚିତ ହୋଇ ରହିଥିବା ଶକ୍ତିର ଏକ ନିର୍ଦ୍ଦିଷ୍ଟ ପରିମାଣ ସାମୁଦ୍ରିକ ପବନ ଦ୍ଵାରା ସ୍ଥଳଭାଗ

ଆଡ଼କୁ ପରିଚାଳିତ ହୁଏ। ଠିକ କହୁଛି ନା ରିୟା?

ରିୟା: ହଁ ସାର୍, ପୂରା ଠିକ। କିନ୍ତୁ କାହାଣୀ ଏବେ ବି ପୂରା ହୋଇନାହିଁ।

ଅଧିକାରୀ: ଏବେ ଆପଣ କାହାଣୀ ପୂରା କରିପାରିବେ, କିନ୍ତୁ ମୁଁ ଆଉ ଗୋଟିଏ କପ୍ ଚା ଆଣିବାକୁ ଯାଉଛି। ଆପଣଙ୍କ ପାଇଁ ବି ଚା କପେ ଆଣିବି କି?

(ଅଧିକାରୀ ଚା ତିଆରି କରୁଛନ୍ତି, କପ୍ ପ୍ଲେଟର ଶବ୍ଦ)

ରିୟା: ଧନ୍ୟବାଦ। ମହାସାଗର କେବଳ ସୌର ବିକିରଣକୁ ଅବଶୋଷିତ କରେନାହିଁ। ସାରା ଦୁନିଆରେ ତାପ ବିତରଣ କରିବାରେ ବି ସାହାଯ୍ୟ କରେ। ମହାସାଗରର ପାଣି ଲଗାତର ବାଷ୍ପୀଭୂତ ହେଉଥାଏ। ଏହା ଯୋଗୁ ଆଖପାଖର ବାୟୁର ତାପମାତ୍ରା ଆଉ ଆର୍ଦ୍ରତା  ବଢ଼ିଯାଏ। ଆଉ ଏଇଥିପାଇଁ ବର୍ଷା ଆଉ ଝଡ଼ ସୃଷ୍ଟି ହୁଏ। ଏସବୁ ବାୟୁର ସାହାଯ୍ୟରେ ଦୂର ଦୂର ଜାଗାକୁ ଯାଇଥାଏ।

ଅଧିକାରୀ: ହଁ, ପ୍ରକୃତରେ ଯେଉଁ ବର୍ଷା ମାଟି ଉପରେ ପଡ଼େ ତାହା ସମୁଦ୍ରରୁ ହିଁ ଆରମ୍ଭ ହୁଏ।

ରିୟା: ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳରେ ପ୍ରଚୁର ବର୍ଷା ହୁଏ। କାରଣ ତାପ ଅବଶୋଷଣ ଆଉ ମହାସାଗର ବାଷ୍ପୀକରଣ ଏହି ଅଞ୍ଚଳରେ ସବୁଠାରୁ ଅଧିକ ହୁଏ। ପୃଥିବୀର ବିଷୁବରେଖା ବାହାରେ ପାଣିପାଗର ଧାରା ମୁଖ୍ୟତଃ ମହାସାଗର ସ୍ରୋତ ଦ୍ୱାରା ସଞ୍ଚାଳିତ ହୁଏ।

ଅଧିକାରୀ: ମହାସାଗର ସ୍ରୋତ... ମଜା କଥା ତ! ଏ ତ ପୁଣି ମୋ କାର୍ଯ୍ୟକ୍ଷେତ୍ର ସହ ସମ୍ପର୍କିତ...

ରିୟା: ସ୍ରୋତ ଆଉ କିଛି ନୁହେଁ, ସାମୁଦ୍ରିକ ଜଳର ନିରନ୍ତର ପ୍ରବାହ, ଏହା ମୁଖ୍ୟତଃ ସ୍ଥଳଭାଗର ବାୟୁ ଦ୍ୱାରା ସୃଷ୍ଟି ହୋଇଥାଏ। କିନ୍ତୁ କିଛିଟା ତାପମାତ୍ରା ଆଉ ଲବଣତାର ଗାଢ଼ତା, ପୃଥିବୀର ଘୂର୍ଣ୍ଣନ ଏବଂ ଜୁଆର ବି ପ୍ରଭାବ ପକାଏ।

ମୁଖ୍ୟ ସାମୁଦ୍ରିକ ସ୍ରୋତ ଉତ୍ତର ମେରୁରେ ଘଣ୍ଟାର କଣ୍ଟା ଦିଗରେ ବା ଦକ୍ଷିଣାବର୍ତ୍ତ ଏବଂ ଦକ୍ଷିଣ ମେରୁରେ ଘଣ୍ଟାକଣ୍ଟାର ବିପରୀତ ଦିଗରେ ବା ବାମାବର୍ତ୍ତ ଗତି କରେ। ଏହା ବୃତ୍ତାକାର ହୋଇଥାଏ ଯାହା ସାଧାରଣତଃ ଉପକୂଳ ରେଖା ନିର୍ଦ୍ଧାରିତ କରେ।

ଅଧିକାରୀ: କିନ୍ତୁ ଏଇ ସାମୁଦ୍ରିକ ସ୍ରୋତର ଆମ ପାଇଁ କି ଗୁରୁତ୍ୱ ରହିଛି?

ରିୟା: ଭଲ ପ୍ରଶ୍ନ ପଚାରିଲେ। ସାମୁଦ୍ରିକ ସ୍ରୋତ ଗୋଟିଏ କନ୍‌ଭେୟାର୍ ବେଲ୍‌ଟ ଭଳି ବହୁତ କାମ କରେ। ଏହା ବିଷୁବରେଖାରୁ ମେରୁ ଆଡ଼କୁ ଗରମ ଜଳ ଆଉ ବର୍ଷା ଆଣେ। ଆଉ ମେରୁ ଅଞ୍ଚଳରୁ ଥଣ୍ଡା ପାଣି ବିଷୁବରେଖା ଆଡ଼କୁ ଆଣିଥାଏ।

ଅଧିକାରୀ: ରିୟା, ତା ମାନେ ଆପଣଙ୍କ କହିବା କଥା ହେଉଛି ଏହି ଜଳସ୍ରୋତ ହିଁ ବିଶ୍ୱର ଜଳବାୟୁକୁ ନିୟନ୍ତ୍ରଣ କରେ?

ରିୟା: ଆଜ୍ଞା ହଁ, ଆପଣ ମୋ କଥା ବୁଝିପାରିଲେ। ଏହି ସାମୁଦ୍ରିକ ସ୍ରୋତ ପୃଥିବୀର ସ୍ଥଳଭାଗ ଯାଏଁ ପହଞ୍ଚୁଥିବା ସୌର ବିକିରଣର ଅସମାନ ବିତରଣକୁ ସାମନା କରିବାରେ ସାହାଯ୍ୟ କରେ। ସାମୁଦ୍ରିକ ସ୍ରୋତ ନ ଥିଲେ ବିଷୁବରେଖା ପାଖରେ ତାପମାତ୍ରା ବହୁତ ଅଧିକ ହୁଅନ୍ତା ଆଉ ମେରୁ ଅଞ୍ଚଳରେପ୍ରଚୁର ଥଣ୍ଡା। ପୃଥିବୀର ବହୁତ କମ୍ ଅଞ୍ଚଳ ବାସୋପଯୋଗୀ ହୋଇପାରନ୍ତା।

ଅଧିକାରୀ: ଓହୋ! ତା ମାନେ ଏହି ମହାସାଗରର ପୃଥିବୀରେ ବାସ କରୁଥିବା ଜୀବଙ୍କ ଅସ୍ତିତ୍ୱ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ରିୟା: ହଁ ନିଶ୍ଚିତ ରୂପରେ...

(ଜାହାଜର କ୍ୟାପଟେନ ଆସୁଛନ୍ତି)

ରିୟା: (ଧୀର ସ୍ୱରରେ) ଆରେ କ୍ୟାପଟେନ। (ରିୟା ଓ ଅଧିକାରୀ କ୍ୟାପଟେନଙ୍କୁ ସମ୍ମାନ ଦେଖାଇବା ପାଇଁ ଚଉକି ଛାଡ଼ି ଠିଆ ହୋଇଯାଉଛନ୍ତି)

କ୍ୟାପଟେନ: ବସ, ବସ। ପ୍ରକୃତରେ ରିୟା ମୁଁ ତମକୁ ହିଁ ଖୋଜୁଥିଲି।

ରିୟା: କାହିଁକି ସାର୍?

କ୍ୟାପଟେନ: ତମ ସହ ଆମର ଆଗାମୀ ଯୋଜନା ବିଷୟରେ ଆଲୋଚନା କରିବାକୁ ଚାହୁଁଥିଲି। ଭଲ ହେଲା, ଅଧିକାରୀ ବି ଏଠି ଅଛନ୍ତି।

ଅଧିକାରୀ: ଆଜ୍ଞା କ୍ୟାପଟେନ।

କ୍ୟାପଟେନ: ଏବେ ମୋ କଥା ମନଦେଇ ଶୁଣ। ମତେ ଜିପିଆର୍‌ଏସ୍ ଦ୍ୱାରା ସୂଚନା ମିଳିଛି ଯେ ଆଗକୁ ପାଣିପାଗର ସ୍ଥିତି ଭଲ ନାହିଁ।

ରିୟା: କିନ୍ତୁ ତା'ର ଅନୁମାନ ତ ଆଗରୁ କରାଯାଇଛି। କାରଣ ଆମେ ଏବେ ଏଲ ନିନୋ ଅଞ୍ଚଳରେ ଅଛେ ଏବଂ...

କ୍ୟାପଟେନ: ହଁ ରିୟା, ଏ ତ ତମ କାମ। କିନ୍ତୁ ମତେ ଏଇ ମହାସାଗରରୁ ଜାହାଜକୁ ସୁରକ୍ଷିତ ନେଇଯିବାର ଅଛି। ଆଉ ନିଶ୍ଚିତ ଯେ ଏଥିରେ ତମର ସାହାଯ୍ୟ ଦରକାର। ଏବେ ତମେ ପୁଣି ଥରେ ତମ ଚାର୍ଟ ଦେଖ ଆଉ ଆମ ପାଇଁ ଯେତେ ସମ୍ଭାବିତ ବିକଳ୍ପ ଉପଲବ୍ଧ ସେସବୁ ଚିହ୍ନଟ କର। ଆମକୁ ଆମ ମାର୍ଗ ବି ବଦଳାଇବାକୁ ପଡ଼ିପାରେ, ଏମିତିକି କେଉଁଠି ଅଟକି ରହିବା ପାଇଁ ଅନୁମତି ବି ମାଗିବାକୁ ପଡ଼ିପାରେ।

ରିୟା: ଠିକ ଅଛି କ୍ୟାପଟେନ। ଚାର୍ଟ ମୋ ପାଖରେ ଅଛି। ଦେଖନ୍ତୁ। (ରିୟା ଚାର୍ଟ ଖୋଲୁଛି, କାଗଜ ଫଡଫଡ ହେବା ଶବ୍ଦ) ମୋର ଯେତେଦୂର ଅନୁମାନ, ଆମେ ଏବେ ଏଇଠି ଅଛେ। ପୂର୍ବ ପ୍ରଶାନ୍ତ ମହାସାଗର ଆଡ଼କୁ ଯାଉଛେ।

କ୍ୟାପଟେନ: ଆଚ୍ଛା...

ରିୟା: ଏବେ ଏଲ ନିନୋ ଏହି ଅଞ୍ଚଳରୁ ପ୍ରଭାବ ପକାଇବ, ଏଇଠି ଯେଉଁଠି ମୁଁ ଲାଲ ରଙ୍ଗରେ ଚିହ୍ନଟ କରିଛି।

ଅଧିକାରୀ:	ମଝିରେ ଅଟକାଇବାରୁ କ୍ଷମା କରିବେ। କିନ୍ତୁ ଏ ଏଲ ନିନୋ କ'ଣ? ଆଉ ଆପଣମାନେ ଏହା ବିଷୟରେ ଏତେ ଚିନ୍ତିତ କାହିଁକି?

ରିୟା:	ବାସ୍ତବରେ ଏଲ ନିନୋ ଗୋଟିଏ ଦୁର୍ବଳ ଉଷ୍ମ ସାମୁଦ୍ରିକ ସ୍ରୋତ ଯାହା ପେରୁ ଏବଂ ଇକ୍ୱେଡର ଉପକୂଳ ଦେଇ ସାଧାରଣତଃ ଖ୍ରୀଷ୍ଟମାସ ସମୟକୁ ଦକ୍ଷିଣ ଆଡ଼କୁ ଗତି କରେ। ପ୍ରକୃତରେ ଏଲ ନିନୋ ଗୋଟିଏ ସ୍ପେନୀୟ ଭାଷା ଏବଂ ଏହାର ଅର୍ଥ ହେଉଛି ଶିଶୁ ଖ୍ରୀଷ୍ଟ। ଖ୍ରୀଷ୍ଟମାସ ବେଳକୁ ଏହାର ପ୍ରଭାବ ଅନୁଭୂତ ହୁଏ ବୋଲି ଏହାର ଏଭଳି ନାଁ ରଖାଯାଇଛି।

କ୍ୟାପଟେନ:	ଓହୋ, ମତେ ତ ଏକଥା ଜଣା ନ ଥିଲା।

ରିୟା:	ଜଳବାୟୁ ବିଷୟରେ ସୂଚିତ କରିବା ପାଇଁ ଏଲ ନିନୋ ଶବ୍ଦ ପ୍ରଥମ ଥର ପାଇଁ ୧୮୯୨ ମସିହାରେ ବ୍ୟବହାର କରାଯାଇଥିଲା। କ୍ୟାପଟେନ କାମିଲୋ କାରିଲୋ ଲିମାରେ ଅନୁଷ୍ଠିତ ଭୌଗଳିକ ସମାଜ କଂଗ୍ରେସରେ ଜଣାଇଲେ ଯେ ପେରୁର ନାବିକମାନେ ଉତ୍ତର ଦିଶାକୁ ବୋହୁଥିବା ଉଷ୍ମ ସ୍ରୋତକୁ ଏଲ ନିନୋ ନାଁ ଦେଇଛନ୍ତି, କାରଣ ଏହା ଖ୍ରୀଷ୍ଟମାସ ସମୟରେ ହିଁ ସବୁଠାରୁ ଅଧିକ ଜଣାଯାଏ। ଅନ୍ୟ ପାଣିପାଗ ପ୍ରକ୍ରିୟା ଭଳି ଏଲ ନିନୋ ବି ବାସ୍ତବ ଘଟଣା। ଉଦାହରଣ ସ୍ୱରୂପ, ଝଡ଼ ଆସିବା, କିନ୍ତୁ ତଫାତ ଏତିକି ଯେ ଝଡ଼ କେମିତି ଆସେ, କାହିଁକି ଆସେ, କୋଉ ପରିସ୍ଥିତିରେ ଝଡ଼ ଆସୁଛି ବୋଲି ସୂଚନା ମିଳିଥାଏ , ଏସବୁ ବିଷୟରେ ଆମେ ଭଲଭାବରେ ଜାଣିଛେ , ପାଣିପାଗର ପୂର୍ବାନୁମାନ କରିବା ପାଇଁ ବ୍ୟବହୃତ ମଡେଲ ଗୋଟିଏ ଜାଗାର ପାଣିପାଗ ବିଷୟରେ ସୂଚନା ଦେଇଥାଏ, ଗୋଟିଏ ଦିନ ବା ଆଗାମୀ ଝଡ଼ର ଭବିଷ୍ୟବାଣୀ କରେ, କିନ୍ତୁ ଏଲ ନିନୋ ପାଇଁ ଆମ ପାଖରେ କୌଣସି ସୂଚନା ନ ଥାଏ।

ଅଧିକାରୀ:	ତାହେଲେ ଆମେ କେମିତି ପୂର୍ବାନୁମାନ କରିପାରିବା?

ରିୟା:     ଥରେ ଏଲ ନିନୋ ଆରମ୍ଭ ହୋଇଗଲେ ଆସନ୍ତା ୬ରୁ ୯ ମାସ ଭିତରେ ହେବାକୁ ଥିବା ଘଟଣା ସମ୍ପର୍କରେ ଭବିଷ୍ୟବାଣୀ କରିବା ପାଇଁ ଆମ ପାଖରେ ଯଥେଷ୍ଟ ଉନ୍ନତ କୌଶଳ ରହିଛି । କିନ୍ତୁ ଘଟଣା ଆରମ୍ଭ ହେବା ଆଗରୁ ଭବିଷ୍ୟବାଣୀ କରିବା ପାଇଁ ଆମ ପାଖରେ ଜ୍ଞାନକୌଶଳ କମ୍ ଅଛି। ଏଲ ନିନୋ କାହିଁକି ଆରମ୍ଭ ହୁଏ ସେଥିପାଇଁ ଅନେକ ପରିକଳ୍ପନା ରହିଛି। କିନ୍ତୁ ଝଡ଼ରେ ଯେମିତି ଆମେ ପୂର୍ବାନୁମାନ କରିପାରେ , ଏସବୁ ପରିକଳ୍ପନାରୁ କୌଣସିଟି ଆମକୁ ଆଗୁଆ ପୂର୍ବାନୁମାନ କରିବା ପାଇଁ ବାସ୍ତବିକ ଜ୍ଞାନକୌଶଳ ଦିଏନାହିଁ।

କ୍ୟାପଟେନ:   କିନ୍ତୁ ରିୟା... ଏବେ ତ ଏହା ଆରମ୍ଭ ହୋଇଗଲାଣି । ସେଥିପାଇଁ ଆମକୁ ପାଣିପାଗର ଆଗୁଆ ସୂଚନା ଦେବାକୁ ହେବ।

ରିୟା:     ହଁ କ୍ୟାପଟେନ, ନିଶ୍ଚିତ ଭାବରେ...

ଅଧିକାରୀ:     ରିୟା, ଏଲ ନିନୋର ଗୁରୁତ୍ୱ କ'ଣ? ଏହା କ'ଣ ବିପଦଜନକ?

ରିୟା:     ମଧ୍ୟ ଏବଂ ପୂର୍ବ ଗ୍ରୀଷ୍ମମଣ୍ଡଳୀୟ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ମହାସାଗର ପୃଷ୍ଠତଳର ତାପମାତ୍ରା ସାଧାରଣଠାରୁ ଅଧିକ ହେଲେ ତାହା ଇଣ୍ଡୋନେସିଆ ଏବଂ ଅଷ୍ଟ୍ରେଲିଆ ଅଞ୍ଚଳରେ ବାୟୁମଣ୍ଡଳୀୟ ପରିଚଳନ ବଦଳିଯାଏ ଏବଂ ବର୍ଷା କମ୍ ହୁଏ। କିନ୍ତୁ ଗ୍ରୀଷ୍ମମଣ୍ଡଳୀୟ ପ୍ରଶାନ୍ତ ମହାସାଗର ଉପରେ ବର୍ଷା ଆଉ ବାତ୍ୟାର ସୃଷ୍ଟି ବଢ଼ିଯାଏ।

ଅଧିକାରୀ:     ଆମ ଭାରତୀୟ ପାଣିପାଗ ଉପରେ କ'ଣ ଏଲ ନିନୋର କିଛି ପ୍ରଭାବ ପଡ଼େ?

ରିୟା:     ନିଶ୍ଚୟ। ଦେଖାଯାଇଛି ଯେ ଯେତେବେଳେ ଏଲ ନିନୋ ଆସେ , ଆମ ଦେଶରେ ମୌସୁମୀ କମିଯାଏ, ମରୁଡ଼ି ବି ଆସିପାରେ।

ଅଧିକାରୀ: ଆଉ ବାତ୍ୟା?

କ୍ୟାପଟେନ: ମୋର ଏଇଥିପାଇଁ ଚିନ୍ତା...

ରିୟା: ଗତ ତିନି ଦଶକ ଧରି କରାଯାଇଥିବା ଅଧ୍ୟୟନ ଅନୁସାରେ, ବିଶ୍ୱ ଉଷ୍ମାୟନ ଯୋଗୁ ପଶ୍ଚିମ ପ୍ରଶାନ୍ତ ମହାସାଗର ପୃଷ୍ଠଭୂମିର ପାଣି ସାଧାରଣରୁ ଅଧିକ ଗରମ ହେବ, ଯାହା ଫଳରେ ଏଲ ନିନୋ ସମୟରେ ଅଧିକ ବାତ୍ୟା ଆସିବ, ସମୁଦ୍ର ପୃଷ୍ଠଭୂମିର ତାପମାତ୍ରା ଆଉ ଗ୍ରୀଷ୍ମମଣ୍ଡଳୀୟ ବାତ୍ୟାର ତୀବ୍ରତା ଭିତରେ ଗୋଟିଏ ସମ୍ବନ୍ଧ ରହିଛି - ଗରମ ପାଣି ଯୋଗୁ ଅଧିକ ଶକ୍ତିଶାଳୀ ବାତ୍ୟା।

ଅଧିକାରୀ: ହେ ଭଗବାନ!!

କ୍ୟାପଟେନ: ପ୍ରକୃତରେ ଆମକୁ ମିଶନ ପାଇଁ ଡେରି ହୋଇଗଲାଣି। ଲା ନିନୋ ଆସିବା ସମୟରେ ଆମକୁ ଭଲଭାବରେ ପ୍ରସ୍ତୁତି କରିବାର ଥିଲା।

ଅଧିକାରୀ: ଲା ନିନୋ? ସେ ପୁଣି କ'ଣ?

ରିୟା: ଏ ହେଉଛି ଏଲ ନିନୋର ପୂରା ବିପରୀତ ପ୍ରଭାବ। (ହସି ହସି) ପ୍ରକୃତରେ ଲା ନିନୋର ଅର୍ଥ ହେଉଛି ଏଲ ନିନୋର ଭଉଣୀ। ଏହା ଏଲ ନିନୋ ଦକ୍ଷିଣାବର୍ତ୍ତର ସକାରାତ୍ମକ ସ୍ତର ଏବଂ ମଧ୍ୟ ଏବଂ ପୂର୍ବ ଗ୍ରୀଷ୍ମମଣ୍ଡଳୀୟ ପ୍ରଶାନ୍ତ ମହାସାଗର ସମୁଦ୍ର ପୃଷ୍ଠର ସାଧାରଣ ତାପମାତ୍ରାଠାରୁ କମ୍ ହୋଇଥାଏ।

ଅଧିକାରୀ: ଏହା କ'ଣ ଉପଯୋଗୀ?

ରିୟା: ଆମ ପାଇଁ... ହଁ... ଦେଖାଯାଇଛି ଯେ ଯେତେବେଳେ ବି ଲା ନିନୋ ଆସିଛି ମୌସୁମୀ ବହୁତ ଭଲ ହୋଇଛି, କିନ୍ତୁ କିଛି ଅନ୍ୟ ସ୍ଥାନରେ ଏହା ମରୁଡ଼ିର କାରଣ ବି ହୋଇଛି। ଆଟଲାଣ୍ଟିକରେ ଏହା ବାତ୍ୟାର କାରଣ ହୁଏ।

କ୍ୟାପଟେନ: ଗୋଟିଏ କଥା ମନେରଖନ୍ତୁ, ଏସବୁ ମୌସୁମୀକୁ ପ୍ରଭାବିତ କରେ। କେଉଁଠି ନା କେଉଁଠି ଦୁନିଆରେ ଭଲ ପ୍ରଭାବ ପକାଏ, କିନ୍ତୁ ଅନ୍ୟ ଅଞ୍ଚଳରେ

ଏହାର ଖରାପ ପ୍ରଭାବ ଦେଖାଯାଏ। ତାପମାତ୍ରା ଯୋଗୁ ଚାପ ବଢ଼େ ଏବଂ ଏହା ଜୋର ପବନ, ଝଡ଼, ବାତ୍ୟା, ବର୍ଷା... ଆହୁରି କେତେ କ'ଣ ସୃଷ୍ଟି କରେ।

ରିୟା: ଠିକ କଥା କ୍ୟାପଟେନ। ଯେତେବେଳେ ଏଲ ନିନୋ ହୋଇଥାଏ, ଗରମ ପାଣି ସ୍ରୋତ ଯୋଗୁ ପ୍ରଶାନ୍ତ ମହାସାଗର ଉପରେ ଚାପ କମ୍ ହୋଇଯାଏ। କିନ୍ତୁ ଏହା କାରଣରୁ ଭାରତ ମହାସାଗରରେ ଚାପ ବଢ଼େ। ଏହାକୁ ଦକ୍ଷିଣ ଦୋଳନ କୁହାଯାଏ, ଦୁଇଟି ପ୍ରଭାବ ଏକା ସାଙ୍ଗରେ ଆସେ । ସେଥିପାଇଁ ଏହାକୁ ସାଧାରଣତଃ ଏନ୍‌ସୋ ପ୍ରଭାବ ଭାବରେ ଜଣାଯାଏ।

କ୍ୟାପଟେନ: ଠିକ ଅଛି ରିୟା। ଏବେ ଏହି ପ୍ରଭାବ ଉପରେ କାମ କରିବାର ସମୟ ଆସିଗଲା। ନହେଲେ... ମିଶନ...

ରିୟା: ନା ନା ଆପଣ ମୋଟେ ଚିନ୍ତା କରନ୍ତୁନାହିଁ। ଆମେ ଜାଣିଛେ ଏହାକୁ କେମିତି ସାମନା କରିବାକୁ ହେବ। ଆଶାକରୁଛି ସବୁକିଛି ଭଲ ହେବ।

ଅଧିକାରୀ: ହଁ କ୍ୟାପଟେନ। ନିଶ୍ଚୟ ପୂରା ଚେଷ୍ଟା କରିବା।

(ଏହି ଦୃଶ୍ୟ ଜୋର ତୋଫାନ, ଆଉ ସାମୁଦ୍ରିକ ଢେଉର ଶବ୍ଦ ସହ ଶେଷ ହେଉଛି, ଏହା ସହିତ ଜାହାଜରେ ଲୋକଙ୍କର ଚିତ୍କାର ଶୁଣାଯାଉଛି। ସେମାନେ ଜୋର ତୋଫାନରୁ ନିଜକୁ ବଞ୍ଚାଇବା ପାଇଁ ଚେଷ୍ଟା କରୁଛନ୍ତି। ଏସବୁ ମିଲୁର ସ୍ୱପ୍ନରେ ଚାଲୁଛି। ସେ ନିଦରେ ଜୋର ପାଟି କରୁଛି।)

ମିଲୁ: କ୍ୟାପଟେନ ଆସନ୍ତୁ। ରହନ୍ତୁ ଅଧିକାରୀ, ରିୟା ଆପଣ କ୍ୟାପଟେନଙ୍କୁ ସାହାଯ୍ୟ କରନ୍ତୁ।

(ଜେଜୀ ଆସିଛନ୍ତି)

ଜେଜୀ: ଆରେ ମିଲୁ, କ'ଣ ହେଲା ତୋର? କ୍ୟାପଟେନ କିଏ? ରିୟା? କାହାକୁ ଡାକୁଛୁ?

ମିଲୁ: (ତଥାପି ନିଦରେ ଅଛି) କ୍ୟାପଟେନଙ୍କୁ ଧର... ତମେ କରିପାରିବ...

ଜେଜୀ: ଉଠ ମିଲୁ...ଏବେ ଆଠଟା ବାଜିଲାଣି। ଲାଗୁଛି ତୁ ବୋଧେ କିଛି ସ୍ୱପ୍ନ ଦେଖୁଛୁ।

ମିଲୁ: (ଉଠି ଯାଇ) ଉଁ... ହଁ ଜେଜୀ।

ଜେଜୀ: ରିୟା କିଏ ଆଉ ଏ ଅଧିକାରୀ? କ୍ୟାପଟେନ କିଏ? ତୁ କ'ଣ କ୍ରିକେଟ ମ୍ୟାଚ ଖେଳୁଥିଲୁ କି?

ମିଲୁ: ନା ଜେଜୀ। ଗୋଟେ ବହୁତ ବଡ଼ ଜାହାଜ ଥିଲା ଆଉ ଜାହାଜକୁ ବଞ୍ଚାଇବା ପାଇଁ କ୍ୟାପଟେନ ବାତ୍ୟା ସହ ଲଢୁଛନ୍ତି।

ଜେଜୀ: ମିଲୁ, ଏତ ଗୋଟିଏ ସ୍ୱପ୍ନ ଥିଲା। ମନେ ପକେଇଲୁ, ତୁ କାଲି ନୋକାର ଗପ ଶୁଣି କ'ଣ କହିଥିଲୁ?

ମିଲୁ: ଜେଜୀ, ଏହା କାଳ୍ପନିକ ହୋଇପାରେ, କିନ୍ତୁ ମୁଁ ସ୍ୱପ୍ନରେ ଯାହା ଦେଖିଲି ସେସବୁ ବାସ୍ତବ। ପାଣିର ଜୋର ସ୍ରୋତ, ଗରମ ମହାସାଗର, ଜଳବାୟୁ ପରିବର୍ତ୍ତନ, ଏଲ ନିନୋ...

ଜେଜୀ: ଠିକ ଅଛି ମିଲୁ। ତୁ କ'ଣ କହୁଛୁ ମୁଁ କିଛି ବି ବୁଝିପାରୁନାହିଁ। କିନ୍ତୁ ଏବେ ତୁ ନୋକା ଭଳି କଥା କହୁଛୁ। (ହସି ହସି) ମୁଁ କେବଳ ଏତିକି ହିଁ ବୁଝିପାରୁଛି।

ମିଲୁ: ଜେଜୀ, ମୋ ସ୍ୱପ୍ନକୁ ଥଟ୍ଟା ଭାବନାହିଁ। ଇଣ୍ଟରନେଟରେ ମୁଁ ଏ ବିଷୟରେ ଦେଖିବି, ଯେଉଁମାନେ ଏ ବିଷୟରେ ଶୁଣୁଛନ୍ତି ସେମାନେ ବି ତଥ୍ୟ ଏକାଠି କରିବେ ଆଉ ଏ ବିଷୟରେ ଅଧିକ ଜାଣିବା ପାଇଁ ଚେଷ୍ଟା କରିବେ।